# ଚାଷ୍ ବାସ୍
# CHASS BASS

**Bi-Monthly E-Newsleter**

## କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧

ଜୁଲାଇ ଏବଂ ଅଗଷ୍ଟ ୨୦୨୫

July & August 2025

ସୁନ୍ଦରଗଡ ଜିଲ୍ଲାର କୃଷକ ଓ କୃଷି ସହିତଜଡିତ ସମସ୍ତ ସହଭାଗୀମାନଙ୍କ ସୂଚନା ନିମନ୍ତେ ଦ୍ୱିମାସିକ ଇ-ସମାଚାର ପତ୍ର ଚାଷ୍‌ବାସ୍ ର ଅୟମାରମ୍ଭ ।

- କୃଷି ମାଧମରେ ଉନ୍ନତ ପ୍ରଯୁକ୍ତି ଓ ନୂତନ ପଦ୍ଧତି
- କୃଷକ ଓ ବୈଜ୍ଞାନିକ ମାନଙ୍କ ମଧରେ ସେତୁ ବନାଇ ଗବେଷଣା ଫଳାଫଳର ପ୍ରାୟୋଗିକ ପ୍ରୟୋଗ ।
- ସଫଳ କୃଷକଙ୍କ କାହାଣୀ ଓ ଉଦ୍ୟମକୁ ପ୍ରଚାର ।
- ଋତୁକାଳୀନ କୃଷି ଉପଦେଶ, ଜଳବାୟୁର ପୂର୍ବସୂଚନା ଓ ରୋଗପୋକ ନିୟନ୍ତ୍ରଣ ସମ୍ପର୍କରେ ସୂଚନା ।
- କୃଷିଜାତ ଦ୍ରବ୍ୟର ବଜାରୀକରଣ ଓ ସଂଯୋଗୀ କରଣ
- ବିଭିନ୍ନ ସରକାରୀ ଯୋଜନା, ଆଲୋଚନା ଚକ୍ର ଶିବିର ଓ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା




କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ତା୦୭.୦୭.୨୦୨୫ ରିଖ ଦିନ ବନମହୋତ୍ସବ ପାଳିତ ହୋଇଥିଲା । ଏହି ଅବସରରେ ୩୦ ଟି ଫଳଗଛ ୩୦ ଜଣ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ରୋପଣ କରାଯାଇଥିଲା ।



କୃଷି ଉଦ୍ୟମିତା ସୁବିଧା କେନ୍ଦ୍ରରେ ଓମ୍ୟାଡସି ଓ ଭାରତୀୟ କୃଷି ଗବେଷଣା ପରିଷଦର ଆର୍ଥିକ ସହାୟତାରେ  ଜୁଲାଇ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ "ଅବ୍ୟବହୃତ ଫଳର ସଂରକ୍ଷଣ ଓ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି" ଉପରେ ପାଞ୍ଚଦିନିଆ ଦକ୍ଷତାବୃଦ୍ଧି ତାଲିମ ପ୍ରଦାନ କରାଯାଇଅଛି । ଏହି ତାଲିମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୪୦ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ ।




କେନ୍ଦ୍ରର ପ୍ରଶିକ୍ଷଣ କକ୍ଷରେ ଓମ୍ୟାଡସି ଆର୍ଥିକ ସହାୟତାରେ ଜୁଲାଇ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବ୍ୟବସାୟିକ ଭିତ୍ତିରେ ଛତୁଉତ୍ପାଦନ ଉପରେ ପାଞ୍ଚଦିନିଆ ଦକ୍ଷତାବୃଦ୍ଧି ତାଲିମ ପ୍ରଦାନ କରାଯାଇଅଛି । ଏହି ତାଲିମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ ।




କେନ୍ଦ୍ର ପରିସରରେ କଟାଯାଇଥିବା ନଡା (୨ରୁ ୩ ଇଞ୍ଚ ଲମ୍ବ), କୁକୁଡା ଖତ, ଚୋକଡ ଓ ଚୂନ କୁ ବ୍ୟବହାର କରି ଦରସଢା କମ୍ପୋଷ୍ଟ ପ୍ରସ୍ତୁତ କରାଯାଇ ପାଳଛତୁ ଉତ୍ପାଦନର ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏଥିରେ କମ ନଡା ଓ ମଞ୍ଜି ବ୍ୟବହାର କରି ଅଧିକ ଅମଳ (ଶତକଡା ୧୯ ଜୈବ ଦକ୍ଷତା) ହୋଇପାରିଥିଲା ।




“ସ୍ୱଚ୍ଛ ଭାରତ ଅଭିଯାନ” ଆନୁକୂଲ୍ୟରେ ଜୈବ ବର୍ଜ୍ୟବସ୍ତୁକୁ ସଂଗ୍ରହ କରି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଉଅଛି ।




ଗତ ତା ୨୯.୦୭.୨୦୨୫ ରିଖ କେନ୍ଦ୍ରସ୍ଥ ତାଲିମ କକ୍ଷରେ ୪୯ତମ ଗବେଷଣା -ସମ୍ପ୍ରସାରଣ ସମନ୍ୱୟ ବୈଠକ ଓ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି ।



ତା ୦୨.୦୮.୨୦୨୫ ରିଖ ଜିଲ୍ଲା ସଂସ୍କୃତି ଭବନଠାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ଜୁଏଲ ଓରାମ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧିର ୨୦ ତମ କିସ୍ତି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ ।




କେନ୍ଦ୍ରର ପ୍ରଶିକ୍ଷଣକକ୍ଷରେ ଓୟାଡସି ଓ ଭାରତୀୟ କୃଷି ଗବେଷଣା ପରିଷଦର ଆର୍ଥିକ ସହାୟତାରେ ଅଗଷ୍ଟ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଜିଆଖତ ଉତ୍ପାଦନ ଓ ଉନ୍ନତ ମାନର କମ୍ପୋଷ୍ଟ ପ୍ରସ୍ତୁତି ଉପରେ ପାଞ୍ଚଦିନିଆ ଦକ୍ଷତାବୃଦ୍ଧି ତାଲିମ ପ୍ରଦାନ କରାଯାଇଅଛି । ଏହି ତାଲିମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୪୦ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ ।




ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ କୃଷି ଶିକ୍ଷା ସଦନଠାରେ ତା ୨୪.୦୮.୨୦୨୫ ରିଖ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସୁନ୍ଦରଗଡ ଜିଲ୍ଲାର ସ୍ମାର୍ଟଚାଷୀ ଭାବେ ଶ୍ରୀ ଯତୀନ୍ଦ୍ର ବରୁଆଙ୍କୁ ମାନ୍ୟବର ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ ।




କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟଗ୍ରାମ ଫୁଲଧୁଡି ଓ ରତନପୁର ଠାରେ ଉଦ୍ୟାନ ଫସଲ ବିବିଧିକରଣ ପାଇଁ ରଜନୀଗନ୍ଧା କିସମ ଅର୍କାପ୍ରଜ୍ୱଳର ଚାଷ ଶୀର୍ଷକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ୧୦ ଜଣ ଅଗ୍ରଣୀ ଚାଷୀମାନଙ୍କୁ ନେଇ କରାଯାଇଅଛି । ଏହି କିସମ ଏକ ପାଖୁଡା ବିଶିଷ୍ଟ ଧଳା ରଙ୍ଗର ଫୁଲ ଅଟେ । ଏହା ଉଭୟ ଝୁରାଫୁଲ ଓ କାଠିଫୁଲ ପାଇଁ ବ୍ୟବହାର କରାଯାଇପାରିବ । ଏଥିରେ ଧାଡିରୁ ଧାଡି ଦୂରତା ୪୫ ସେ.ମି. ଏବଂ ଗଛରୁ ଗଛ ଦୂରତା ୨୦ ସେ.ମି. ରଖାଯାଇଅଛି । ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସଫରସ୍ ଏବଂ ୭୦ କି.ଗ୍ରା. ପଟାସ୍ ସାରର ପ୍ରୟୋଗ କରାଯାଇଅଛି ।




ଜିଲ୍ଲାର ରତନପୁର ଓ ଦଲଦଲି ଠାରେ କଲରାରେ ଅଣୁସାରର ପ୍ରୟୋଗ ଶୀର୍ଷକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ୧୦ ଜଣ ଅଗ୍ରଣୀ ଚାଷୀମାନଙ୍କୁ ନେଇ କରାଯାଇଥିଲା । ଏଥିରେ ମିଶ୍ରିତ ଅଣୁସାର ଯଥା-ଜିଙ୍କ୍, ମଲିବିଡେନମ୍, କପର, ଆଇରନ୍ ଏବଂ ମାଙ୍ଗାନିଜ୍ ଏକଲିଟର ପାଣିରେ ୧୦ ମିଲିଗ୍ରାମ୍ ହିସାବରେ ଫସଲରେ ଲଗାଇବାର ୩୦ ଦିନ, ୪୦ ଦିନ ଏବଂ ୫୦ ଦିନରେ ପତ୍ରସିଞ୍ଚନ କରାଯାଇଥିଲା ।

**ମୁଖ୍ୟ ସମ୍ପାଦିକା:**
ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସମ୍ପାଦକ:**
ଡଃ ମନୋଜ କୁମାର ଜେନା,
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

**ସମ୍ପାଦନା ମଣ୍ଡଳୀ**
ଡେଭିଡ କେମସ୍ ବାଗେ, ବୈଜ୍ଞାନିକ (କୃଷି ସମ୍ପ୍ରସାରଣ), ଆଶିଷ କୁମାର ମହାନ୍ତି, ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ), ଡଃ ଦ୍ବିବେନ୍ଦୁ ମଣ୍ଡଳ, ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ), ବିଦ୍ୟାଧର ଟୁଡୁ, କାର୍ଯ୍ୟକ୍ରମ ସହାୟକ (ବନ ବିଜ୍ଞାନ), ମୟୁଖ ଅଧିକାରୀ, କ୍ଷେତ୍ର ପରିଚାଳକ,

**ସହଯୋଗ**
ଅରୁଣ କୁମାର ମିଶ୍ର, କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର) ଓ କମଳ ଲୋଚନ ମହାନ୍ତ, ଷ୍ଟେନୋ ତଥା କମ୍ପ୍ୟୁଟର ଅପରେଟର